## ପିକକ୍ ଦ୍ୱାରା "ଇକୋସେଭର୍ସ ୟୁଥ ନେଟୱାର୍କ" ର ରାଜ୍ୟ ସ୍ତରିୟ ଯୁବ ଶିବିର ଅନୁଷ୍ଠିତ

ଭୁବନେଶ୍ୱର ୨୭/୦୮ : ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛସେବୀ ଅନୁଷ୍ଠାନ ପିପୁଲସ କଲଚରାଲ୍ ସେଣ୍ଟର (ପିକକ୍) ଓ ଫ୍ଲୋରଲଦ୍ରାଲୋସା ବାର୍ନ ସହଯୋଗ ରେ ମହାନଦୀ ପ୍ରେକ୍ଷାଳୟ ରେ ଦୁଇ ଦିନିଆ ରାଜ୍ୟ ସ୍ତରୀୟ ଇକୋସେଭର୍ସ ୟୁଥ ନେଟୱାର୍କ ର ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ୧୧ ଟି ଜିଲ୍ଲା ରୁ ୬୦ ରଉ ଉର୍ଦ୍ଧ୍ୱ ଯୁବ ପ୍ରତିନିଧି ମାନେ ଭାଗନେଇଥିଲେ । ଇକୋସେଭର୍ସ ୟୁଥ ନେଟୱାର୍କ ର ପବିତ୍ର ସାହୁ ପ୍ରଥମେ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ଯୁବକ ମାନେ ଚାହିଁଲେ ଅନେକ ପରିବର୍ତ୍ତନ ଆଣିପାରିବେ । ସେ ଆହୁରି ମଧ୍ୟ କହିଲେ ଯେ ଆମର ଆଜିର କାର୍ଯ୍ୟ ଆମର ଭବିଷ୍ୟତ କୁ ନିର୍ଦ୍ଧାରିତ କରିବ ।ପିକକ୍ ର  କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶ୍ରୀମତି ଅନୁରାଧା ମହାନ୍ତି ଏହି ଶିବିର ର ଉଦ୍ଦେଶ୍ୟ ସମ୍ପର୍କ ରେ ସମସ୍ତଙ୍କୁ ଅବଗତ କରାଇ କହିଥିଲେ ଯେ ଯୁବକ ମାନେ ଆଗକୁ ଆସି ଦେଶ ଗଠନ ରେ ନେତୃତ୍ୱ ନେଇ ଉଦାହରଣ ସୃଷ୍ଟି କରିବା ଉଚିତ । ଏହି ଶିବିର ର ଉଦ୍‌ଘାଟନ ସମାରୋହ ରେ ଅନଲାଇନ ମାଧ୍ୟମରେ ଯୋଗଦେଇ ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଯୁବ ଗୋଷ୍ଠି ମାନଙ୍କ ର କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ ଓ ସେମାନେ ଅହୁରି ବ୍ୟାପକ ଭାବେ କିପରି ସେମାନଙ୍କ କାର୍ଯ୍ୟକୁ ଆଗ କୁ ନେବେ ସେଥିପାଇଁ ଭବିଷ୍ୟତ ର କାର୍ଯ୍ୟପନ୍ଥା ସ୍ଥିର କରିବା ଲାଗି ପରାମର୍ଶ  ଦେଇଥିଲେ । ଆଡପସନସେଣ୍ଟ୍ରମ୍ ର ଦେଶ ନିର୍ଦ୍ଦେଶିକା ଶ୍ରୀମତି ରୁବି ରାଉତ କୋଭିଡ ଗାଇଡଲାଇନ ଉପରେ ସଚେତନତା ସୃଷ୍ଟି କରିବାରେ ଯୁବଗୋଷ୍ଠିଙ୍କର ଭୁମିକା ଗୁରୁତ୍ୱପୂର୍ଣ୍ଣ । କୋଭିଡ୍ ରେ ସେମାନେ ନିଜକୁ ସୁରକ୍ଷିତ ରଖି ଅନ୍ୟମାନଙ୍କୁ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ । ଇକୋସେଭର୍ସ ୟୁଥ ନେଟୱାର୍କ ର ସଭାପତି ସ୍ମୃତି ରଞ୍ଜନ ପ୍ରଧାନ ମଧ୍ୟ ଏଥିରେ ଯୋଗ ଦେଇଥିଲେ ।

ଏହି ଶିବିରରେ ଯୁବ ଗୋଷ୍ଠିମାନଙ୍କ ପାଇଁ ବିଭିନ୍ନ ବିଷୟ ରେ ତାଲିମ ର ମଧ୍ୟ ଆୟୋଜନ କରାଯାଇଥିଲା । ଜାତୀୟ ସୁଚନା କେନ୍ଦ୍ର ର ପୁର୍ବତନ ବୈଷୟିକ ନିର୍ଦ୍ଦେଶକ ଡଃ ରବିନ୍ଦ୍ର ନାରାୟଣ ବେହେରା ଅନଲାଇନ ସୁରକ୍ଷା, ବୈତରଣି ଇନିସିଏଟିଭ୍ ର ଦିପକ କୁମାର ମିଶ୍ର ପରିବେଶର ସୁରକ୍ଷା ଓ ଜୈବ ବିବିଦ୍ଧତା ର ସରଂକ୍ଷଣ ଓ ଯୁବ ଗୋଷ୍ଠି ର ଭୂମିକା, ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ର ପୁର୍ବତନ ସଦସ୍ୟ ହରିହର ନାୟକ ଶିଶୁ ସୁରକ୍ଷା ପକ୍ରିୟା ଓ ଯୁବ ଗୋଷ୍ଠି ର ଭୂମିକା,  ପିକକ୍ ର ଉପମା ମହାନ୍ତି ଲିଙ୍ଗଗତ ସମସ୍ୟା ସମ୍ବନ୍ଧ ରେ ତାଲିମ ପ୍ରଦାନ କରିଥିଲେ । ଯୁବ ପ୍ରତିନିଧି ମାନେ ନିଜର ସଫଳତା କୁ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରିବା ସହ ଭବିଷ୍ୟତ କାର୍ଯ୍ୟର ଯୋଜନା ମଧ୍ୟ ସ୍ଥିର କରିଥିଲେ । ଦ୍ୱିତିୟ ଦିବସର କାର୍ଯ୍ୟକ୍ରମ ର ପରିଚାଳନା ଇକୋସେଭର୍ସ ୟୁଥ ନେଟୱାର୍କ ର ସଭାପତି ପରିଚାଳନା କରିଥିଲେ । ।ଏହି ଶିବିର ରେ  ଇକୋସେଭର୍ସ ୟୁଥ ନେଟୱାର୍କ ର "କୋର ଟିମ" ର ଗଠନ କରାଯାଇଥିଲା । ପିକକ୍ ର ଜ୍ୟୋତିଶଙ୍କର ମହାନ୍ତି, ଅଲ୍ପନା ଦାଶ, ଦେବାଶିଶ ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମ ର ପରିଚାଳନା କରିଥିଲେ ।